# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 8 April – 2026

## ରାଜ୍ୟସ୍ତରୀୟ ସମାରୋହ

ରାଜ୍ୟରେ  ଶିଳ୍ପାୟନକୁ ଅଧିକ ପ୍ରୋତ୍ସାହନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ଭୁଇଁପୁରଠାରେ ରାଜ୍ୟସ୍ତରୀୟ ସମାରୋହରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ୪୦ ହଜାର ୮୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ୫୯ ହଜାରରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି  ।

## ରତ୍ନଭଣ୍ଡାର ଗଣତି-ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇ ୧୧ ତାରିଖ ଶନିବାର  ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ପରବର୍ତ୍ତୀ ସମୟରେ ୧୩ ତାରିଖ ଏବଂ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଗଣତି-ମଣତି କରାଯିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଗତ ମାସ ୨୫ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ପ୍ରଥମ ପର୍ଯ୍ୟାୟ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା ।

# ଆଇନ ଉଚ୍ଛେଦ ପ୍ରସ୍ତାବ

ରାଜ୍ୟ ସରକାର ୨୮୮ଟି ଅଦରକାରୀ ଆଇନ ଉଚ୍ଛେଦ ଏବଂ ୮ଟି ପ୍ରମୁଖ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନର ୧ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହିତ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ଦିଗରେ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ । ଏହି ଅବସରରେ ଆଇନ ଆୟୁକ୍ତ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ' ଓଡ଼ିଶା ରାଜ୍ୟ ଆଇନ ଅୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

# ଯୋଗାଣ ମନ୍ତ୍ରୀ- ସମୀକ୍ଷା ବୈଠକ

ରାଜ୍ୟରେ ଖାଉଟିମାନଙ୍କ ପାଇଁ ବଜାରରେ ଆତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ସହ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।  ବୈଠକରେ ବିଭିନ୍ନ

ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଖାଦ୍ୟ ସାମଗ୍ରୀର ବଜାର ଉପଲବ୍ଧତା ତଥା ସାମଗ୍ରୀର ଅନାବଶ୍ୟକ ମହଜୁଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ରକ୍ତଦାନ ଦିବସ

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ଆଜି ରକ୍ତଦାନ ଦିବସର ଆୟୋଜନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା ସଦରମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିରମାନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ସମୀକ୍ଷା ବୈଠକ

ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକରେ ରାଜସ୍ୱ ବୃଦ୍ଧି, ଆର୍ଥିକ କ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଜିଲ୍ଲାପାଳ' ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେବାସହ ବୁର୍ଲା ଜଳସେଚନ ବିଭାଗ ପକ୍ଷରୁ

ଗତମାସ ପାଇଁ ଜଳକର ଆଦାୟର ସମୀକ୍ଷା କରାଯିବା ସହିତ ଖଣି, କୃଷି, ପରିବହନ, ଅବକାରୀ ଓ ଜମିଜମା ବିଷୟ ଉପରେ ଆଲୋଚନା ହୋଇଥିଲା ।

ନୂଆପଡ଼ା ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ବିଭାଗର ରାଜସ୍ୱ, ଜିଏସ୍‌ଟି ସଂଗ୍ରହ, ଷ୍ଟାମ୍ପ ଶୁଳ୍କ ସଂଗ୍ରହ ଉପରେ ଆଲୋଚନା ହୋଇଥିଲା ।

## ଲଙ୍କାପୋଡ଼ି ଯାତ୍ରା

ନୟାଗଡ଼ ଜିଲ୍ଲାର ଦଶପଲ୍ଲାରେ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଗତକାଲି ରାତିରେ ଶେଷ ହୋଇଛି । ୧୮୦୨ ମସିହାରୁ ଲଗାତାର ଭାବେ ୨୨୪ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଦଶପଲ୍ଲା ରାମଲୀଳା ସହ ଲଙ୍କାପୋଡ଼ି ଯାତ୍ରା ସମଗ୍ର ଦେଶରେ ଦର୍ଶକୀୟ ଆଦୃତି ଲାଭ କରିଛି । ମଙ୍ଗଳବାର ରାତି ଏବଂ ବୁଧବାର ପାହାନ୍ତାରେ ରାବଣ ବଧ ଏକ ନିଆରା ପର୍ବ ଭାବେ ଦଶପଲ୍ଲାରେ ପାଳନ ହୋଇ ଆସୁଛି ।

## ଯୋଜନା କମିଟି ବୈଠକ

ଯାଜପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ପ୍ରଥମ ଜିଲ୍ଲାଯୋଜନା କମିଟି ବୈଠକରେ ଜିଲ୍ଲାର ସମାଗ୍ରିକ ବିକାଶ ପାଇଁ କାର୍ଯ୍ୟପନ୍ଥା ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବନ୍ୟା ଦାଉରୁ ମୁକ୍ତି ପାଇବାପାଇଁ ଦୀର୍ଘମିଆଦି

ଯୋଜନା ଏବଂ ବିଭିନ୍ନ ବିଭାଗର ଯୋଜନାଗୁଡ଼ିକର ରୂପରେଖ ଓ ନିର୍ଦ୍ଧାରିତ ସମୟରେ ସେଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ପାଣିପାଗ

ଚଳିତ ବର୍ଷ ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥାମାନେ ଦୀର୍ଘକାଳୀନ ଆକଳନ କରିଛନ୍ତି । ମୌସୁମୀ ମଇମାସ ୩୧ ତାରିଖରୁ ଜୁନ୍ ମାସ ୨ ତାରିଖ ମଧ୍ୟରେ କେରଳ ଛୁଇଁବ ଏବଂ ଜୁନ୍ ୧୦ ତାରିଖଠାରୁ ୧୫ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁବା ନେଇ ପାଣିପାଗ ସଂସ୍ଥାମାନେ ଆକଳନ କରିଛନ୍ତି । ରାଜ୍ୟରେ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ଆକଳନ କରାଯାଇଛି । ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଝଡବର୍ଷା ହେବାର ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ଘଡ଼ଘଡ଼ି ସହ ଅଧିକ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି ।